ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in
News ID-IPR/SME(OD)/470/14-08-2025

## ଜାପାନର ସାକୁରା ବିଜ୍ଞାନ ହାଇସ୍କୁଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ଓଡ଼ିଶାର ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୪ ଅଗଷ୍ଟ, ୨୦୨୫:
ଓଡିଶାର ବିଭିନ୍ନ ଜିଲ୍ଲାରୁ ଛଅ ଜଣ ମେଧାବୀ ଛାତ୍ରଛାତ୍ରୀ ଜାପାନରେ ଅନୁଷ୍ଠିତ ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ "ସାକୁରା" ରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବେ । ଅଗଷ୍ଟ ୧୭ ରୁ ୨୩ ପର୍ଯ୍ୟନ୍ତ ଜାପାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ଆଇକନିକ୍ ଓଏଭି, ଅନ୍ଧାରୁଆ, ଖୋର୍ଦ୍ଧାରୁ ସାଇ ସୋହମ୍ ପ୍ରଧାନ, ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱରରୁ ଶ୍ରେୟାଶ୍ରୀ ପାଣିଗ୍ରାହୀ, ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କରଚାମାଲ, ନବରଙ୍ଗପୁରରୁ ସମିକ୍ଷା ରାଣୀ ମାଳି, ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବ୍ରହ୍ମପୁର, ଗଞ୍ଜାମରୁ ଚନ୍ଦ୍ର ଶେଖର ବେହେରା, ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଟକରୁ ସିପ୍ରା ଶତପଥୀ, ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ, ତାରାଣ୍ଡୋ, କେନ୍ଦ୍ରାପଡ଼ାରୁ ପୁଣ୍ୟ ପୁଲୋକିତା ପତି ଏହି କାର୍ଯ୍ୟକ୍ରମରେ ଭାଗ ନେବେ । ଏଥିସହ ସେମାନଙ୍କ ସହିତ ଜଣେ ଗାଇଡ୍ ଶିକ୍ଷୟିତ୍ରୀ ଶ୍ରୀମତୀ ନିହାରିକା ସାହୁ ମଧ୍ୟ ରହିବେ ।

ସାକୁରା କାର୍ଯ୍ୟକ୍ରମ ହେଉଛି ଜାପାନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏଜେନ୍ସି (JST)ର ଏକ ପ୍ରୟାସ, ଯାହାର ଲକ୍ଷ୍ୟ ହେଉଛି ପରିଦର୍ଶନ, ଶୈକ୍ଷିକ ଆଦାନପ୍ରଦାନ ଏବଂ ସାଂସ୍କୃତିକ ପାରସ୍ପରିକ ଆଲୋଚନା ମାଧ୍ୟମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଯୁବ ପ୍ରତିଭାକୁ ପ୍ରୋତ୍ସାହିତ କରିବା । ଏହି କାର୍ଯ୍ୟକ୍ରମ ବିଶ୍ୱର ଛାତ୍ରଛାତ୍ରୀମାନଙ୍କୁ ପ୍ରମୁଖ ଜାପାନୀ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ ଏବଂ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଶିଳ୍ପ ପରିଦର୍ଶନ କରିବାର ସୁଯୋଗ ପ୍ରଦାନ କରିଥାଏ ।

ରୋଜାଲିନ୍ ସାହୁ
ଲୋକସମ୍ପର୍କ ଅଧିକାରୀ
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ